Prime Minister performs Pooja at Jeshoreshwari Kali Shaktipeeth

March 27, 2021

ଯଶୋରେଶ୍ୱରୀ କାଳୀ ଶକ୍ତିପୀଠରେ ପୂଜାର୍ଚ୍ଚନା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ମାର୍ଚ୍ଚ 27, 2021

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶ୍ରୀ ନରେନ୍ଦ୍ର ମୋଦୀ ବାଂଲାଦେଶର ସାତଖିରାସ୍ଥିତ ଯେଶୋରେଶ୍ୱାରୀ କାଳୀ ଶକ୍ତିପୀଠଠାରେ ପୂଜାର୍ଚ୍ଚନା କରିଛନ୍ତି । ବାଂଲାଦେଶ ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଜି ସକାଳେ ଯେଶୋରେଶ୍ୱରୀ ଶକ୍ତିପୀଠ ଯାଇ ସେଠାରେ ପୂଜାର୍ଚ୍ଚନା କରିଥିଲେ । ପୌରାଣିକ ପରମ୍ପରା ଅନୁସାରେ ଏହ ସାତଖିରା ହେଉଛି ୫୧ ଶକ୍ତିପୀଠମାନଙ୍କ ମଧ୍ୟରୁ ଅନ୍ୟତମ । ଏହି ଅବସରରେ ପ୍ରଧାନମନ୍ତ୍ରୀ ହସ୍ତନିର୍ମିତ ସୁନାଛାଉଟିକରା ଏକ ରୁପା ମୁକୁଟ ଦେବୀ କାଳୀଙ୍କ ଠାରେ ଅର୍ପଣ କରିଥିଲେ । ସ୍ଥାନୀୟ ଜଣେ କଳାକାର ଦୀର୍ଘ ତିନି ସପ୍ତାହ ଧରି ଶ୍ରମସ୍ୱୀକାର କରି ଏହି ମୁକୁଟକୁ ନିର୍ମାଣ କରିଥିଲେ ।

ବନ୍ଧୁତାର ହସ୍ତ ପ୍ରସାରଣ କରି ପଧାନମନ୍ତ୍ରୀ ସ୍ଥାନୀୟ ଗୋଷ୍ଠୀଙ୍କ ମନ୍ଦିରକ ଲାଗି ଏ ହଲ ତଥା ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ ନିମନ୍ତେ ସକଳ ପ୍ରକାର ସାହାଯ୍ୟ ଦେବାକୁ ଘୋଷଣା କରିଥିଲେ । ବାର୍ଷିକ କାଳୀପୂଜା ତଥା ମନ୍ଦିରରେ ଅନୁଷ୍ଠିତ ସାମ୍ବତ୍ସରିକ ମେଳା ଅବସରରେ ଶ୍ରଦ୍ଧାଳୁମାନ ନିମନ୍ତେ ଏହି ହଲ୍ ବିଶେଷ ଭାବେ ସହାୟକ ହୋଇପାରିବ । ଏହା ବ୍ୟତୀତ ବର୍ଷା ବିପାତ ବେଳେ ସୀମାନ୍ତର ଯେକୌଣସି ସମ୍ପ୍ରଦାୟର ଲୋକେ ଏଠାରେ ଆଶ୍ରୟ ଗ୍ରହଣ କରିପାରିବେ ।

ଢାକା

ମାର୍ଚ୍ଚ 27, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.